## ସଂକ୍ଷେପରେ

### ଯୁବକଙ୍କ ଗୋଡ଼ ଉପରେ ଚଢ଼ିଗଲା ବସ୍

ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା): ବର୍ତ୍ତନା-ଠାକୁରମୁଣ୍ଡା ରାସ୍ତାର ଦୋମୁହାଁଣି ଛକ ନିକଟରେ ଏକ ବସ୍ ଜଣେ ଯୁବକଙ୍କ ବାମଗୋଡ ଉପରେ ଚଢ଼ିଯିବାରୁ ଯୁବକ ଜଣକ ଗୁରୁତର ହୋଇ ପଡିଛନ୍ତି। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ଯୁବକଙ୍କ ଘର ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଲମଚୁଆ ଗ୍ରାମରେ। ସେ ମଙ୍ଗଳବାର ସକାଳେ ଦୋମୁହାଁଣି ହାଟ ନିକଟରେ ଠାକୁରମୁଣ୍ଡା ଯିବାକୁ ବସ୍‌ରେ ଚଢୁଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡିଯାଇଥିଲେ। ପଛଚକ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା।

### ପୁଅକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ବାପା ମୃତ

ବଡ଼ବିଲ, ୧୩।୬(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ପିଏଚ୍‌ଡି ରୋଡ୍ ବାକଲ ହଟିଂରେ ମଙ୍ଗଳବାର ପୁଅକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଲ ବିରୁଆ। ତାଙ୍କ ପୁଅ କ୍ରିଷ୍ଣାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଲୁଗା ଶୁଖାଇବା ତାରରୁ କପଡ଼ା ଆଣିବା ବେଳେ କ୍ରିଷ୍ଣା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ବଞ୍ଚାଇବାକୁ ବାପା ଲାଲ ପହଞ୍ଚିବାରୁ ବିଦ୍ୟୁତ୍ ଆଘାତରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### କାଳବୈଶାଖୀରେ ବ୍ୟାପକ କ୍ଷତି

ଗୋପବନ୍ଧୁ ନଗର, ୧୩।୬(ଶାନ୍ତନୁ ମଡୁଆଲ): ଗୋପବନ୍ଧୁ ନଗର ବ୍ଲକ ଟିଟିଆ ପଞ୍ଚାୟତର ଯଦୁର୍ଘେରା ଗାଁ ଓ ପୁରୁଣା ବାରିପଦା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ଅନେକ ଲୋକଙ୍କ ଆଜବେଷ୍ଟସ ଓ ଟାଇଲଛପର ସମ୍ପୂର୍ଣ୍ଣ ଉଡିଯାଇଛି। ଖୁଣ୍ଟାସ୍ଥିତ ଯଦୁର୍ଘେରା ଗ୍ରାମର ଚନ୍ଦ୍ରକାନ୍ତ କାର୍ଜି, ଶମ୍ଭୁନାଥ ସେଠୀ, ପ୍ରଭଞ୍ଜନ ତ୍ରିପାଠୀ, ଚନ୍ଦ୍ର ମୋହନ ତ୍ରିପାଠୀ, ପ୍ରଭାସ ତ୍ରିପାଠୀ, କୁଳମଣୀ ସେଠୀ ପ୍ରମୁଖ ୨୦ରୁ ଅଧିକ ଲୋକଙ୍କ ଘରର ବିଶେଷ ଭାବେ କ୍ଷତି ଘଟିଥିବା ସ୍ଥାନୀୟ ସରପଞ୍ଚ କହିଛନ୍ତି। ପୁରୁଣାବାରିପଦା ହାଟ ନିକଟରେ ଏକ ଗଛ ଭାଙ୍ଗି ଗୋଟିଏ ଘର ନଷ୍ଟ ହୋଇଛି। ତାର ଛିଣ୍ଡି ଯାଇଥିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

# ହଟିଲା ନିଷେଧାଦେଶ, ଚାଲିଲା ଟ୍ରଲର

ଭୋଗରାଇ, ୧୩।୬(ପ୍ରଦୀପ ଦାସ)



ମତ୍ସ୍ୟଜୀବୀଙ୍କ ଦୀର୍ଘ ଦୁଇ ମାସ ଅପେକ୍ଷାର ଅନ୍ତ ଘଟିଛି। ଏହି ଦୁଇ ମାସ ମଧ୍ୟରେ ମତ୍ସ୍ୟଜୀବୀଙ୍କ ପରିବାର ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଥିଲା ବେଳେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ସମୁଦ୍ର ନିଷେଧାଦେଶକୁ ବୁଧବାରଠାରୁ ହଟାଇ ନିଆଯାଇଛି। ଟ୍ରଲର ମାଲିକ ଓ ମତ୍ସଜୀବୀମାନେ ଆଶ୍ୱସ୍ତ ହୋଇଛନ୍ତି। ଏଭଳି ସ୍ଥିତିରେ ସମୁଦ୍ରମୁହାଁ ହୋଇଛି ସହସ୍ରାଧିକ ମାଛଧରା ଟ୍ରଲର, ଭୁଟୁଭୁଟି ଓ ଡ଼ଙ୍ଗା। ଚଞ୍ଚଳ ହୋଇପଡିଛି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ପୁରୀ ଓ ଗଞ୍ଜାମ ଜିଲା ସମୁଦ୍ରକୂଳ ମତ୍ସ୍ୟ ଅବତରଣ କେନ୍ଦ୍ର। ବହୁ ମତ୍ସ୍ୟଜୀବୀ ନିଜର ଜାଲ ବୁଣା କାର୍ଯ୍ୟ ଶେଷ କରିଥିବା ବେଳେ ଅନ୍ୟ ଟ୍ରଲର ଓ ଡ଼ଙ୍ଗାରେ ରଙ୍ଗ ବୋଳି ମାଲିକମାନେ ପୂଜାର୍ଚ୍ଚନା କରିବା ସହିତ ଶୁଭବେଳାରେ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଆଗଭର ହୋଇଛନ୍ତି।

ସୂଚନା ଅନୁଯାୟୀ, ବଙ୍ଗୋପସାଗର ଗ୍ରୀଷ୍ମ ଋତୁରେ ବିଭିନ୍ନ ପ୍ରଜାତିର ମାଛ ଓ ଅଲିଭରିଡଲେ କଇଁଛ ଅଣ୍ଡାଦାନ ସୁରକ୍ଷା ଯୋଗୁ ସରକାର ଗତ ଏପ୍ରିଲ ୧୫ରୁ ଜୁନ ୧୪ପର୍ଯ୍ୟନ୍ତ ଓଡିଶା ଓ ପଶ୍ଚିମବଙ୍ଗ ଉପକୂଳ ସମୁଦ୍ରରେ ଟ୍ରଲର ଓ ଡ଼ଙ୍ଗା ଚଳାଚଳ ଉପରେ ନିଷେଧାଜ୍ଞା ଜାରି କରିଥିଲେ। ସମୁଦ୍ରରେ ମାଛ ମାରିବା ବନ୍ଦ ଯୋଗୁ ମଧୁର ଜଳ ମାଛର ଦାମ ବୃଦ୍ଧି ଘଟିଥିବା ବେଳେ ଲୁଣିମାଛ ବଜାରକୁ ଆସିଲେ ମାଛର ମୂଲ୍ୟ ହ୍ରାସ ହେବ ବୋଲି ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବାଲେଶ୍ୱର ଜିଲାରେ ସରକାରୀ ପରିସଂଖ୍ୟାନୁଯାୟୀ ୩୭ହଜାର ୩୩୮ଜଣ ମତ୍ସ୍ୟଜୀବୀ ପରିବାର ୨ଲକ୍ଷ ୨୬ହଜାର ୫୬ଜଣ ମତ୍ସ୍ୟଜୀବୀ ରହିଥିବା ବେଳେ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକରେ ୧୦୧ଟି ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ରହିଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ଜିଲାରେ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, କଙ୍କଡାପାଳ, ଉଗରା, ହସକରା, ବାହାବଳପୁର, ବଳରାମଗଡି, ଜାମୁକା, ମୈଶାଳୀ, ଗଦେଇ ସାଗର, ପଞ୍ଚୁବିସା, ଚାନ୍ଦିପୁର ଆଦି ସମୁଦ୍ର ମୁହାଣରେ ମତ୍ସ୍ୟ ଅବତରଣ କେନ୍ଦ୍ର ରହିଥିବା ବେଳେ ୫ଟି ସ୍ଥାନରେ ପ୍ରସ୍ତାବିତ ଜେଟି ନିର୍ମାଣ କାର୍ଯ୍ୟ ଅନିଶ୍ଚିତତା ଦେଖାଦେଇଛି। ତାଳସାରୀ ସମୁଦ୍ରକୂଳରେ ବଡ ବଡ ବାଲିଚଢ଼ ହୋଇଥିବାରୁ ମତ୍ସଜୀବୀଙ୍କ ଡ଼ଙ୍ଗା କୂଳକୁ ଭିଡ଼ିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସମୁଦ୍ର ବାଲିଚରର ଭୁଟଭୁଟି କିମ୍ବା ଡ଼ଙ୍ଗା ଆସୁଥିବା ବେଳେ ଉତ୍ତାଳ ଢେଉ ଡଙ୍ଗାରେ ବାଡେଇ ହୋଇ ଡ଼ଙ୍ଗା କ୍ଷତିଗ୍ରସ୍ତ ହେଉଛି। ସେଠାରେ ଡ଼ଙ୍ଗା ଅଟକିଯିବା ସହିତ ବିପଦ ସୃଷ୍ଟି କରୁଥିବା ତାଳସାରୀ ଗଙ୍ଗାମାତା ମେରାଇନ ଫିସରମ୍ୟାନ ସୋସାଇଟି ସମ୍ପାଦକ ପୁଣ୍ଡରୀକାକ୍ଷ ଲାୟା ପ୍ରକାଶ କରିଛନ୍ତି। ମତ୍ସ୍ୟଜୀବୀଙ୍କ ସୁରକ୍ଷା ନିମନ୍ତେ ସମସ୍ତ ଡ଼ଙ୍ଗା ଓ ଟ୍ରଲରରେ ଜାତୀୟ ପତାକା, ଲାଇଫ ଜ୍ୟାକେଟ୍, ବିପଦସଂକେତ ଯନ୍ତ୍ର, ଅଗ୍ନି ନିର୍ବାପକ, ଲାଇସେନ୍ସ ଓ ଆଧାର କାର୍ଡର ବାଧ୍ୟତାମୂଳକ ଭାବେ ରଖାଯିବା ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ ଜେନା ସୂଚନା ଦେଇଛନ୍ତି।

### ଚଳଚଞ୍ଚଳ ମତ୍ସ୍ୟ ଅବତରଣ କେନ୍ଦ୍ର

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ ସରୋଜ



@ ଆୟୁଷୀ



@ ଆଶିଷ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## 'ତନିସ୍କ'ର ଗ୍ରାଣ୍ଡ ଗୋଲ୍ଡ ଏକ୍ସଚେଞ୍ଜ ଅଫର

ବାଲେଶ୍ୱର ଅଫିସ, ୧୩।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗ ଚିଡ଼ିଆପୋଲ ନିକଟସ୍ଥ ତନିସ୍କ ଶୋ'ରୁମ୍ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ରଜ ପର୍ବ ଓ ରଥଯାତ୍ରା ଉପଲକ୍ଷେ 'ଗ୍ରାଣ୍ଡ ଗୋଲ୍ଡ ଏକ୍ସଚେଞ୍ଜ' ଅଫର୍ ଚାଲିଛି। ଏଥିରେ ପୁରୁଣା ଗୋଲ୍ଡ ଏକ୍ସଚେଞ୍ଜ କରାଯିବାର ସୁବିଧା ରହିଛି। ତନିସ୍କ ଜୁଏଲେରୀରୁ କିଣିଥିବା ସୁନାଗହଣାକୁ ଛାଡ଼ି ବାହାର ଜୁଏଲେରୀରୁ ଗହଣା କିଣି ମଧ୍ୟ ଏହି ଏକ୍ସଚେଞ୍ଜ ଅଫରରେ ସାମିଲ ହୋଇପାରିବେ। ୨୦, ୨୧, ୨୨, ୨୩ ଓ ୨୪ କ୍ୟାରେଟ୍ ଗୋଲ୍ଡ ଉପରେ କୌଣସି ଓଜନ କାଟ୍ ନ କରିବା ସହିତ କେବଳ ଜିଏସ୍‌ଟି ଏବଂ ମେକିଂଚାର୍ଜ ଦେବାକୁ ପଡ଼ିବ। ସେହିପରି ୧୪ରୁ ୨୦ କ୍ୟାରେଟ୍ ଗୋଲ୍ଡର ୬% ପର୍ଯ୍ୟନ୍ତ ଓଜନ କାଟ୍ କରାଯିବାର ଧାର୍ଯ୍ୟ ହୋଇଥିବା ତନିସ୍କ ତତ୍ତ୍ୱ ଗ୍ରୁପ୍‌ର ଜେନେରାଲ ମ୍ୟାନେଜର ଚିଦାନନ୍ଦ ବେହେରା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏହି ଏକ୍ସଚେଞ୍ଜ ଅଫରରେ ଭାରତର ୨ ମିଲିୟନରୁ ଅଧିକ ଗ୍ରାହକ ସୁଯୋଗ ନେଇଥିବା ବେଳେ ବାଲେଶ୍ୱରରେ ୧୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ସାମିଲ ହୋଇଛନ୍ତି। ଏହି ଅଫର୍ ଅଧିକ ବାହାଘର ଉତ୍ସବ ମନାଉଥିବା ପରିବାର ପାଇଁ ସହାୟକ ହେଉଛି। ଆସନ୍ତା ୧ ମାସ ପର୍ଯ୍ୟନ୍ତ ଏହି ଅଫର୍ ଜାରି ରହିବ। ଉକ୍ତ ସମୟରେ 'ତନିସ୍କ'ରୁ ଗୋଲ୍ଡ ଅଳଙ୍କାର କ୍ରୟ କଲେ ୨୦% ମେକିଂ ଚାର୍ଜ ଛାଡ଼ ରଖାଯାଇଥିବା ତନିସ୍କ ବାଲେଶ୍ୱର ଶୋ'ରୁମ୍‌ର ଷ୍ଟୋର ମ୍ୟାନେଜର ନୀଳମାଧବ ବିଶ୍ୱାଳ ସୂଚନା ଦେଇଛନ୍ତି।



'ତନିସ୍କ' ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

## ବିଲରୁ ଯୁବତୀଙ୍କ ମୃତଦେହ ଜବତ

### ହତ୍ୟା ସନ୍ଦେହରେ ୨ ଅଟକ

ଖୁଣ୍ଟା, ୧୩।୬(ଦେବ ରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଟିଟିଆ- ବଡ଼ଫେଣି ରାସ୍ତା ପାର୍ଶ୍ୱ ଏକ ବିଲ ମଧ୍ୟରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତ ଯୁବତୀ ଜଣକ ହେଲେ ଖୁଣ୍ଟା ଥାନା ବହଳଦା ଗ୍ରାମର ରଇବାରୀ ସିଂ (୧୮)। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ବିଲ ମଝିରେ ଯୁବତୀଙ୍କ ମୃତଦେହ ପଡ଼ିଥିବା ବଡ଼ଫେଣି ଗ୍ରାମର କେତେକ ଲୋକେ ଦେଖିବାକୁ ପାଇଥିଲେ। ମୃତଦେହ ପଡ଼ିଥିବା ସ୍ଥାନଠାରୁ କିଛି ଦୂର ଏକ ବୁଦାଳିଆ ସ୍ଥାନରେ ଜଣେ ନାବାଳକ ମଧ୍ୟ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ସହିତ ପୋଲିସକୁ ଖବର ଦେଇଥିଲେ। ଖୁଣ୍ଟା ଥାନା ଆଇଆଇସି ଲୋପାମୁଦ୍ରା ନାଏକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଥିବା ସୂଚନା ଦେଇଛି।

## ନିର୍ମାଣାଧୀନ ବୟନଶିଳ୍ପ ପାର୍କ ବୁଲି ଦେଖିଲେ ଭାଜପା ନେତା



ଭଣ୍ଡାରିପୋଖରୀ, ୧୩।୬(ରବିନାରାୟଣ ଖିଲାର)

ଆଇଓସିଏଲ୍ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଧାମନଗର ଛକ ନିକଟସ୍ଥ ପାହିମହୁରାଠାରେ ପ୍ରାୟ ୨୦୦୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ବୟନଶିଳ୍ପ ପାର୍କ ଅଞ୍ଚଳ ମଙ୍ଗଳବାର ଭାଜପା ନେତୃବୃନ୍ଦ ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ଭାଜପାର ମହାଜନସମ୍ପର୍କ ଅଭିଯାନ ଅବସରରେ 'ବିକାଶ ତୀର୍ଥଯାତ୍ରା'ରେ ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର ଭଦ୍ରକ ଗସ୍ତରେ ଆସିଥିଲେ। ସେ ପ୍ରଥମେ ଧାମନଗର ଛକ ନିକଟରେ ପହଞ୍ଚିବା ପରେ ସ୍ଥାନୀୟ ଦଳୀୟ ନେତା ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଡ. ପାତ୍ରଙ୍କ ସହ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା ସଜ୍ଜନ ଶର୍ମା, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠି, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ, ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ଲୋକ ସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ବୟନଶିଳ୍ପ ପାର୍କ ଅଞ୍ଚଳ ବୁଲି ପାରେରି, ରାସ୍ତା ନିର୍ମାଣ ଆଦି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ତ୍ୱରିତ ପ୍ରକ୍ରିୟାରେ କାର୍ଯ୍ୟ କରାଯାଇ ସ୍ଥାନୀୟ ଅଞ୍ଚଳର ବିକାଶ ଓ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଇପାରିବ ଡ.ପାତ୍ର କହିଥିଲେ।

## ସହାୟତା ପାଇଁ ଜିଲାପାଳଙ୍କୁ ଭେଟିଲେ ଆହତ ପରିବାର

### ବାହାନଗା ରେଳ ଦୁର୍ଘଟଣା

ବାରିପଦା ଅଫିସ, ୧୩।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାହାନଗା ରେଳ ଦୁର୍ଘଟଣାରେ ଗୁରୁତର ଆହତଙ୍କ ସମେତ ପରିବାର ଲୋକେ ସହାୟତା ପାଇଁ ମୟୂରଭଞ୍ଜ ଜିଲାପାଳଙ୍କୁ ଭେଟିଛନ୍ତି। ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ତେବେ ପ୍ରସ୍ତୁତ ହୋଇଥିବା ତାଲିକା ଆସିବା ପରେ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଆସନଜଡା ଗ୍ରାମର ଗୋପା ସୋରେନଙ୍କ ସହ ଅନ୍ୟ ଜଣେ ଯୁବକ ଦାଦନ ଖଟିବାକୁ କରମଣ୍ଡଳ ଏକ୍ସପ୍ରେସ ଯୋଗେ ଚେନ୍ନାଇ ଅଭିମୁଖେ ଯାଉଥିଲେ। ଗତ ୨ତାରିଖରେ ଉଭୟ ବାଲେଶ୍ୱର ଷ୍ଟେଶନରେ ଜେନେରାଲ ବଗିରେ ବସିଥିଲେ । ବାହାନଗାଠାରେ ଟ୍ରେନ ଦୁର୍ଘଟଣା ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୋପାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିଥିବା ବେଳେ ପେଟ ଓ ଛାତି ଯନ୍ତ୍ରଣା ହେଉଥିଲା। ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ପରେ ତାଙ୍କ କୀଡନିରେ ତ୍ରୁଟି ରହିଥିବା ଜଣାପଡ଼ିଛି। ଏ ନେଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ଜାରି ରଖିଛନ୍ତି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତର ଆହତଙ୍କୁ ୧ଲକ୍ଷ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦିଆଗଲେ ପୁଅର ଚିକିତ୍ସାରେ ବାଧା ସୃଷ୍ଟି ହେବନାହିଁ ବୋଲି ବାପା ମୁନା ସୋରେନ ନିବେଦନ କରିଛନ୍ତି।



ବାପାଙ୍କ ସହ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଆହତ ଗୋପା ସୋରେନ।

## ଶିଶୁ ଶ୍ରମ ନିରୋଧ ସଚେତନତା ଶୋଭାଯାତ୍ରା

ଭଦ୍ରକ ଅଫିସ, ୧୩।୬
(ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତା ଓ ଭାରପ୍ରାପ୍ତ ସଚିବ ପ୍ରଣତୀ ପଟେଲଙ୍କ ପରିଚାଳନାରେ ଆୟୋଜିତ ଶୋଭାଯାତ୍ରାରେ ଜିଲା ଜଜ୍ କୋର୍ଟର ସମସ୍ତ ବିଚାରପତି, ଆଇନଜୀବୀ ତଥା ଆଇନସେବା ପ୍ରାଧିକରଣ ପିଏଲଭି ପ୍ୟାନେଲ ଓକିଲମାନେ ଏଥିରେ ସାମିଲ ହୋଇଥିଲେ। ନକାଙ୍ଗସ୍ଥିତ ଜିଲା କୋର୍ଟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ନାୟକ ଶିଶୁ ଯତ୍ନ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଓକିଲ ସଂଘ ସଭାପତି ନିରାକାର ଜେନା, ଫେଲୋଶିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଡ. ଦେବରାଜ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ପ୍ୟାନେଲ ଓକିଲ ତାପସ କୁମାର ମହାନ୍ତି, କାହ୍ନୁଚରଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଓକିଲ ରାଜୀବ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍‌ଟାକ୍‌ର କେନ୍ଦୁଝର ଶାଖା ଉଦ୍‌ଘାଟିତ

କେନ୍ଦୁଝର, ୧୩।୬ (ଦୀପକ ମିଶ୍ର)

ଭାରତୀୟ ଜାତ ୀୟ କଳା, ସ୍ଥାପତ୍ୟ ସଂରକ୍ଷଣ ସଂସ୍ଥା (ଇନ୍‌ଟାକ୍)ର କେନ୍ଦୁଝର ଶାଖା ଦରବାର ହଲ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଇନ୍‌ଟାକର କେନ୍ଦୁଝର ଜିଲା ଶାଖା ଆବାହକ ଡ. ଅଜୟ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଚିହ୍ନଟ କରି ତାହାର ପ୍ରଲିଖନ ଓ ଉପଯୁକ୍ତ ସଂରକ୍ଷଣ କରି ବିଶ୍ୱଦରବାରରେ ପ୍ରଚାର ପ୍ରସାର କରିବା ଏହି ଶାଖାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ କେନ୍ଦୁଝର ଚାପ୍ଟରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କେନ୍ଦୁଝରର ଛାତ୍ର ଓ ଆରକ୍ଷୀ ଅଧୀକ୍ଷକ ଭାବେ ତାଙ୍କର ଜିଲା ସହ ସମ୍ପୃକ୍ତିକୁ ମନେ ପକାଇବା ସହ ଇନ୍‌ଟାକ ଜରିଆରେ ଜିଲାର ଐତିହ୍ୟକୁ ପୁନରୁଦ୍ଧାର କରି ଉତ୍ତରପିଢ଼ି ନିମିତ୍ତ ସଂରକ୍ଷିତ କରି ରଖିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସହ ଆବାହକ ଅନୀଲ ଧିର ଇନ୍‌ଟାକର କାର୍ଯ୍ୟପଦ୍ଧତି ଓ ସଂସ୍କୃତି ସଂରକ୍ଷଣ ପ୍ରତି ଦେଖା ଦେଉଥିବା ବିଭିନ୍ନ ପ୍ରତିବନ୍ଧକ ସମ୍ବନ୍ଧରେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଠାକ୍‌ରେ ଜିଲା ଶାଖାର ସମସ୍ତ କାର୍ଯ୍ୟରେ ପ୍ରଶାସନର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଐତିହାସିକ କଲେକ୍ଟୋରେଟ ଓ ଜିଲା ସର୍କିଟ ହାଉସ୍‌ର ସାଂସ୍କୃତିକ ରକ୍ଷଣାବେକ୍ଷଣର ଦାୟିତ୍ୱ ନେବା ପାଇଁ ଇନ୍‌ଟାକକୁ ଅନୁରୋଧ କରିଥିଲେ। ଡିଏଫ୍‌ଓ ଧନରାଜ ଏଚ୍‌ଡି ଜିଲାର ଭୂତାତ୍ତ୍ୱିକ, ପ୍ରାଣୀ ଓ ଉଦ୍ଭିଦ ଜଗତର ଐତିହାସିକ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେଶରେ କଣ୍ଢେଇ ନାଚର ପ୍ରମୁଖ ପ୍ରବକ୍ତା ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ଇନ୍‌ଟାକ କେନ୍ଦୁଝର ଶାଖା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଇନ୍‌ଟାକର ଆଜୀବନ ସଦସ୍ୟା ଧରିତ୍ରୀ ରାଉତ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।





ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କୁ ସମ୍ମାନିତ କରାଯାଉଛି।

## 'ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଉଦ୍ୟମ ଜାରି ରହିବ'

ଭଦ୍ରକ ଅଫିସ, ୧୩।୬
(ସନାତନ ରାଉତ)

୫-ଟି ସଚିବ ଭି. କେ. ପାଣ୍ଡିଆନ ଭଦ୍ରକ ଗସ୍ତରେ ଆସି ଏଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପ୍ରସଙ୍ଗରେ ଠିକ୍ ସମୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି କହିଥିଲେ। ସଚିବଙ୍କ ମତାମତ ସ୍ୱାଗତଯୋଗ୍ୟ। ହେଲେ ଆଗରୁ ବିଭିନ୍ନ ସଭାରେ ନେତା ଓ ମନ୍ତ୍ରୀମାନେ ଏକାଧିକବାର ପ୍ରତିଶ୍ରୁତି ଦେଇଥିବା ବେଳେ ଏଥର ସଚିବଙ୍କ ଜରିଆରେ ରାଜ୍ୟ ସରକାରଙ୍କର ଏହା ଏକ ପ୍ରତିଶ୍ରୁତି ମାତ୍ର। ଜିଲାବାସୀ ଆଶା ରଖିଥିଲେ ଘୋଷଣା ନିଶ୍ଚିତ ହେବ। କିନ୍ତୁ ସେପରି ହେଲା ନାହିଁ। ବିଶ୍ୱବିଦ୍ୟାଳୟ ସ୍ଥାପନ ନ ହେବା ପର୍ଯ୍ୟନ୍ତ ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁସାରେ ଗଣତାନ୍ତ୍ରିକ ଧାରାରେ ଉଦ୍ୟମ ଜାରି ରହିବ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ଜାନୁଗଞ୍ଜସ୍ଥିତ ଦିବ୍ୟମ୍ ସମ୍ମିଳନୀ କକ୍ଷରେ ଆହୂତ ଖବରଦାତା ସମ୍ମିଳନୀରେ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ କହିଛନ୍ତି। ଭଦ୍ରକ ଟାଉନ ନିକଟସ୍ଥ ଯେକୌଣସି ସ୍ଥାନରେ ୫୦ବର୍ଷ ତଳର ଦାବି ଅନୁସାରେ 'ପଲ୍ଲୀଭାରତୀ' ନାମରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ ବୋଲି ସରକାରଙ୍କୁ ନିବେଦନ କରିଛନ୍ତି। ଉପଦେଷ୍ଟା ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି, ରୋଟାରିଆନ ଅଭିଜିତ୍ ନାୟକ, ସାମାଜିକ କର୍ମୀ ଅନୀଲ ଦେ, ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ ଜେନା, ମମତା ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ, ମୀନାରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ବିଦ୍ୟାର୍ଥୀ ବିକାଶ ମଞ୍ଚର କର୍ମକର୍ତ୍ତା।

## ଧର୍ମାନ୍ତରୀକରଣ ପରେ ଉତ୍ତେଜନା

### ଥାନାରେ ଆପୋସ ବୁଝାମଣା

ଯୋଡା, ୧୩।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଜଜାଙ୍ଗ ପଞ୍ଚାୟତର ଭୋଳବେଡ଼ା ଗ୍ରାମରେ ଧର୍ମାନ୍ତରୀକରଣ ପରେ ଚାପା ଉତ୍ତେଜନା ଲାଗି ରହିଛି। ଦୁଇପକ୍ଷ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ଲାଗି ରହୁଛି।

ସୂଚନା ଅନୁଯାୟୀ,ଉକ୍ତ ଗ୍ରାମରେ ଏକ ପରିବାର ପ୍ରଥମେ ଭିନ୍ନ ଧର୍ମ ଗ୍ରହଣ କରିଥିଲେ। ପରେ ସେହିପରିବାର ଗ୍ରାମର ପ୍ରାୟ ୩୦ ପରିବାରକୁ ଧର୍ମାନ୍ତରୀକରଣ କରାଇଥିଲେ। ତେବେ ଗ୍ରାମବାସୀ ଏହାକୁ ବିରୋଧ କରି କିଛି ପରିବାରକୁ ସ୍ୱଧର୍ମକୁ ଫେରାଇ ଆଣିଥିଲେ। ଗ୍ରାମରେ ବର୍ତ୍ତମାନ ପ୍ରାୟ ୭ଟି ପରିବାର ଭିନ୍ନ ଧର୍ମଗ୍ରହଣ କରିଛନ୍ତି। ଏମାନେ ପୁନର୍ବାର ଗ୍ରାମର ଅନ୍ୟ ଲୋକଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତରୀକରଣ କରିବାକୁ ଚେଷ୍ଟା ଚଳାଇଥିବା ଗ୍ରାମବାସୀ କହିଛନ୍ତି। ଧର୍ମ ପରିବର୍ତ୍ତନ କରିଥିବା ପରିବାରର ଲୋକେ ସ୍ଥାନୀୟ ଗ୍ରାମବାସୀଙ୍କ ପୂଜାସ୍ଥଳକୁ ଅପବିତ୍ର କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସେମାନେ କୌଣସି ନିୟମ ପାଳନ କରୁ ନ ଥିବା ଓ ନଳକୂଅରୁ ପାଣି ନେଉଥିବା ସ୍ଥାନୀୟ ଅଞ୍ଚଳର ସୋରେନ ମୁଣ୍ଡା କହିଛନ୍ତି। ଏହି ପାଣି ନେବାକୁ କେନ୍ଦ୍ର କରି କିଛି ଦିନ ପୂର୍ବେ ଦୁଇପକ୍ଷଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ଧର୍ମ ପରିବର୍ତ୍ତନ କରିଥିବା ଜଣେ ମହିଳାଙ୍କୁ ମାଡ଼ ମରାଯାଇଥିବା ନେଇ ବାମେବାରି ଥାନାରେ ଅଭିଯୋଗ ହୋଇଥିଲା। ତେବେ ଏହି ଅଭିଯୋଗ ପରେ ପୋଲିସ ମଙ୍ଗଳବାର ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଆପୋଷ ବୁଝାମଣା କରିଥିଲା। ଏହି ଗଣ୍ଡଗୋଳ ଧର୍ମାନ୍ତରୀକରଣକୁ ନେଇ ଘଟି ନ ଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସ୍ୱରୂପ ନାୟକ କହିଛନ୍ତି। ଏହିପରି ଅନେକ ଥର ଧର୍ମ ପରିବର୍ତ୍ତନ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ସେମାନଙ୍କୁ ହଇରାଣ କରାଯାଉଛି। ଏହି ଘଟଣାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଅଞ୍ଚଳରେ ଅଶାନ୍ତିର ବାତାବରଣ ଲାଗି ରହୁଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି।

**ବଜ୍ରପାତରେ ୧୩ ମାଙ୍କଡ଼ ମୃତ, ୭ ଆହତ**

**ଜଳେଶ୍ୱର, ୧୩।୬ (ରବି ନାରାୟଣ ପାତ୍ର):** ଜଳେଶ୍ୱର ବ୍ଲକ ଗଡସାହି ବାଲିଆପାଳ ଗ୍ରାମରେ ସୋମବାର ସନ୍ଧ୍ୟାରେ ଝଡବତାସ ଓ ବଜ୍ରପାତ ହୋଇ ପ୍ରତାପ ମାଝିଙ୍କ ବାଡିରେ ଥିବା ଏକ ବଡ ତେନ୍ତୁଳି ଗଛର ଡାଳ ଭାଙ୍ଗିପଡିଥିଲା। ସେଥିରେ ଆଶ୍ରୟ ନେଇଥିବା ମାଙ୍କଡ ମଧ୍ୟରୁ ୧୩ଟିର ମୃତ୍ୟୁ ଘଟିଛି। ଅନ୍ୟ ୭ଟି ଗୁରୁତର ଆହତ ହୋଇ ଗଛତଳେ ଦୀର୍ଘ ସମୟ ପଡି ରହିଥିଲେ। ମଙ୍ଗଳବାର ସକଳେ ଚାନ୍ଦିପୁରସ୍ଥିତ ୱାଇଲ୍ଡ ଲାଇଫର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ମାଙ୍କଡଗୁଡ଼ିକୁ ଚିକିତ୍ସା କରିଛନ୍ତି।

## ଆଜି କ'ଣ କେଉଁଠି

ବାଲେଶ୍ୱର
- ବିଶ୍ୱ ରକ୍ତଦାତା ଦିବସ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ରାଜାବଗିଚା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଚାଉଳ, ସୁନା ଚୋରି: ଯୁବକ ଗିରଫ

**ଢେଙ୍କିକୋଟ, ୧୩।୬ (ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ଫାଣ୍ଡି ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ବାଙ୍କପାଟୁଳି ଗ୍ରାମରୁ କବାଟ ଭାଙ୍ଗି ଘରୁ ଚାଉଳ, ସୁନା, ଚୋରି ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ବାଙ୍କପାଟୁଳି ଗ୍ରାମର ରୋହିତ କୁମାର ନାୟକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘରୁ ୩୯ କି.ଗ୍ରା. ଚାଉଳ ପୋଲିସ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୨୫/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୪ ତାରିଖରେ ଗ୍ରାମର ଅନାମ ଚରଣ ନାୟକଙ୍କ ଘରେ କେହି ନ ଥିବାବେଳେ ରାତିରେ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ଚାଉଳ ସହ ସୁନାଗହଣା ଚୋରି କରି ନେଇଯାଇଥିଲେ। ଏନେଇ ଅନାମ ୫ ତାରିଖରେ ଢେଙ୍କିକୋଟ ପୋଲିସ ଫାଣ୍ଡିରେ ଅଭିଯୋଗ କରିଥିଲେ।

### କଟକ ନେବା ବେଳେ ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କ ମୃତ୍ୟୁ

**ସୋର, ୧୩।୬(ଜନ୍ମେଜୟ ମିଶ୍ର):** ବାଲେଶ୍ୱରରୁ କଟକ ସ୍ଥାନାନ୍ତର ବେଳେ ଜଣେ ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କ ସୋର ମେଡିକାଲରେ ମୃତ୍ୟୁ ହୋଇଛି। କମର୍ଦ୍ଧା ଗ୍ରାମର ପ୍ରାଣକୃଷ୍ଣ ବେହେରାଙ୍କ ପୁଅ ଅଭିଷେକ ବେହେରା (୭) ତୃତୀୟ ଶ୍ରେଣୀରେ ପାଠ ପଢନ୍ତି। ମଙ୍ଗଳବାର ତାଙ୍କ ମା'ଙ୍କ ସହ ସେ ଟ୍ୟୁଶନ ଆସିଥିଲେ। ଟ୍ୟୁଶନରେ ଛାଡ଼ି ତାଙ୍କ ମା' ସେଠାରୁ ପଳାଉଥିଲେ। ଟ୍ୟୁଶନ ଛୁଟି ଥିବାରୁ ଅଭିଷେକ ସେଠାରୁ ବାହାରି ମା'ଙ୍କ ନିକଟକୁ ଆସୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଅଭିଷେକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କମର୍ଦ୍ଧା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ। ପରିବାର ଲୋକେ ତାଙ୍କୁ ଏକ ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରୁଥିବା ବେଳେ ସୋର ଉତ୍ତରେଶ୍ୱର ନିକଟରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ କର୍ମଚାରୀ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ମାମଲା (ନଂ. ୩୧/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବୁଢ଼ାବଳଙ୍ଗ ପୋଲକୁ ବିପଦ ନିମ୍ନମାନର ପିଲାର

**ବାରିପଦା ଅଫିସ, ୧୩।୬ (ନିଳାଦ୍ରୀ ବିହାରୀ ଦଣ୍ଡପାଟ)**

ରାଜ୍ୟରେ ନିର୍ମାଣାଧିନ କିମ୍ବା ନିର୍ମିତ ପୋଲ ଭୁଶୁଡ଼ିବା ଘଟଣାର ଅନେକ ନଜିର ରହିଛି। ଅନଭିଜ୍ଞ କର୍ମଚାରୀମାନଙ୍କ ପାଇଁ ନିମ୍ନମାନର କାର୍ଯ୍ୟ ଫଳରେ ଅନେକ ଧନଜୀବନ ନଷ୍ଟ ହେଉଛି। ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଚାପରେ ପଡ଼ି ଅଧିକାରୀମାନେ ଆଖି ବୁଜି ଦେଉଥିବାରୁ ଏପରି ଘଟଣା ଲୋକଲୋଚନକୁ ଆସିବାରେ ଲାଗିଛି। ନିର୍ଦ୍ଦିଷ୍ଟ ଗଭୀର ବିଶିଷ୍ଟ ପିଲର ନିର୍ମାଣ କରାଯାଇ ନ ଥିବାରୁ ଏକ ପୋଲ ବିପଦ ସଙ୍କୁଳ ହୋଇଛି। ମୟୂରଭଞ୍ଜ ଜିଲା ବେତନଟୀ-ବଡ଼ସାହି ରାସ୍ତାର ବେଲପାଳ ଗ୍ରାମରେ ଥିବା ବୁଢ଼ାବଳଙ୍ଗ ନଦୀରେ ନିର୍ମିତ ପୋଲ କ୍ଷେତ୍ରରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି।

ବ୍ୟସ୍ତ ବହୁଳ ଉକ୍ତ ରାସ୍ତାରେ ପୋଲ ନିର୍ମାଣ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲା। ଏହାକୁ ନେଇ ୧୯୯୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା



ବେଲପାଳସ୍ଥିତ ବୁଢ଼ାବଳଙ୍ଗ ପୋଲ।

ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପୂର୍ତ୍ତ ବିଭାଗ ଅଧୀନରେ ପୋଲର ନିର୍ମାଣ କାର୍ଯ୍ୟ ୧୯୯୯ରୁ ଆରମ୍ଭ କରାଯାଇଥିଲା। କୋଟି କୋଟି ଟଙ୍କା ବ୍ୟୟ ବରାଦରେ ୨୭୦ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପୋଲ ନିର୍ମାଣ କାର୍ଯ୍ୟ ୮ବର୍ଷ ଧରି ଚାଲିବା ପରେ ସମ୍ପୂର୍ଣ୍ଣ ହୋଇଥିଲା। ୨୦୦୬ରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମାତ୍ର ନିର୍ମାଣର କିଛି ବର୍ଷ ପରେ ପୋଲର ଉତ୍ତର ପାର୍ଶ୍ୱରେ ଥିବା ୩ଟି ପିଲର ଦବିବା ଆରମ୍ଭ କରିଥିଲା। ଧିରେ ଧିରେ ଏହା ବୃଦ୍ଧି ପାଇବା ଦ୍ୱାରା ପିଲର ଉପରେ ସମାନ୍ତରାଳ ଭାବେ ପଡ଼ିଥିବା ସ୍ଲାବ ଗୁଡ଼ିକ ଢେଉ ସଦୃଶ ହେବାକୁ ଲାଗିଛି। ବିଭାଗୀୟ ଅଧିକାରୀମାନେ ଏହାକୁ ଲୁଚାଇବାକୁ ଯାଇ ପିଚୁରେ ହମ୍ପସ ନିର୍ମାଣ କରିଛନ୍ତି। ପୋଲ ଉପରେ ଭାରିଯାନ ଚଳାଚଳ କରିବା ସମୟରେ ଉକ୍ତ ସ୍ଥାନରେ ପାର ହେବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ପୋଲର ୩ଟି ସ୍ଥାନରେ ସ୍ଲାବ ଉଠି ଯାଇଥିବାରୁ ବିପଦ ଆଶଙ୍କା ସୃଷ୍ଟି ହୋଇଛି। କେଉଁ ମୁହୂର୍ତ୍ତରେ ଅଘଟଣ ଆଶଙ୍କାକୁ ଏଡାଯାଇ ପାରିବ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହି ପୋଲ ଦେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। କୌଣସି ଅଘଟଣ ହେବା ପୂର୍ବରୁ ଏହାର ତଦନ୍ତ କରି ଆଶୁ ପଦକ୍ଷେପ ଗ୍ରହଣ କରାଗଲେ ଧନଜୀବନ ନଷ୍ଟ ହେବାରୁ ରକ୍ଷା ମିଳନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ପ୍ରବୋଧ ଭୂୟାଁ, ସଞ୍ଜୟ ଜେନା ଓ ସଦାନନ୍ଦ ଦଣ୍ଡପାଟ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିର୍ମାଣ ସମୟରେ ୩ଟି ପିଲରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଉକ୍ତ ପିଲରକୁ ଅଧିକ ଦବାଇବାକୁ ଚେଷ୍ଟା କରା ନ ଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରୁ ପରବର୍ତ୍ତୀ ସମୟରେ ଏପରି ଅବସ୍ଥା ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ନନ୍ଦଦୁଲାଲ ଘଡ଼େଇଙ୍କୁ ପଚାରିବାରୁ ଖୁବଶୀଘ୍ର ବିଭାଗୀୟ ଅଧିକାରୀଙ୍କୁ ପଠାଇ ଏହାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# 'ମୋଦି ସରକାରରେ ଭାରତର କାହାଣୀ ବଦଳିଛି'




ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୩।୬(ସନାତନ ରାଉତ)**

ମନମୋହନ ସରକାର ସମୟରେ ଭ୍ରଷ୍ଟାଚାରର ଗନ୍ତାଘର ଥିଲା ଭାରତ। ମୋଦି ସରକାରଙ୍କ ୯ ବର୍ଷ ଶାସନ କାଳରେ ଭାରତର କାହାଣୀ ବଦଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରେଳପଥ, ଆକାଶ ପଥ, ଜାତୀୟ ରାଜପଥ, ମିଶନ ଶକ୍ତି ସବୁ କ୍ଷେତ୍ରରେ ବିକାଶ ହୋଇଛି ବୋଲି ମୋଦି ସରକାରଙ୍କ ୯ ବର୍ଷ ଶାସନ କାଳର ସଫଳତାକୁ ନେଇ ମଙ୍ଗଳବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ଆହୁତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର କହିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାର ସଫଳତା ବଖାଣିଥିଲେ। ୮୦ କୋଟି ଭାରତୀୟଙ୍କୁ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଦେଶରେ ୩ କୋଟି ଲୋକ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ବେଳେ ଓଡ଼ିଶାରେ ୨୭ ଲକ୍ଷ ଲୋକ ପାଇଛନ୍ତି। ୧୨ କୋଟି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। କିଷାନ ସମ୍ମାନ ଯୋଜନାରେ ୧୨ କୋଟି କୃଷକଙ୍କୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାର ୩୪ଲକ୍ଷ କୃଷକ ଏଥିରେ ସାମିଲ ଅଛନ୍ତି। ସ୍ୱାସ୍ଥ୍ୟସେବାରେ ବିକାଶକୁ ଦୃଷ୍ଟିରେ ରଖି ୧୫ଟି ନୂଆ ଏମ୍ସ ଓ ୨୨୫ଟି ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। କୋଭିଡ୍ ସମୟରେ ୧୩୫କୋଟି ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟ ଭିତରେ ଭାକ୍ସିନ ଦିଆଯାଇଛି। ୧ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯାଇଛି। ମିଶନ ଶକ୍ତି କ୍ଷେତ୍ରରେ ମହିଳା ସଶକ୍ତୀକରଣ ପାଇଁ ମହିଳା ଗୋଷ୍ଠୀଙ୍କୁ ଋଣ, ସବ୍‌ସିଡ୍, ସିଆର୍‌ପି, ଏମ୍‌ବିକେଙ୍କୁ ଦରମା, ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୪୦୪୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ଦିଆଯାଇଛି ବୋଲି ସେ କହିଥିଲେ।

ଓଡ଼ିଶାରେ ଏକ ପ୍ରଚାର ସର୍ବସ୍ୱ ସରକାର ଚାଲିଛି। କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ସୁପାରିଶ କଲେ କେନ୍ଦ୍ର ସରକାର ଅବିଳମ୍ବେ ଆବଶ୍ୟକ ଅର୍ଥ ଯୋଗାଇ ଦେବେ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଏହା ପୂର୍ବରୁ ଜିଲାର ନୂତନ ଶିଶୁ ଓ ପ୍ରସୂତି ବିଭାଗ ମେଡିକାଲ, ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟସ୍ଥ ନିର୍ମାଣାଧୀନ ଟେକ୍ସଟାଇଲ ପାର୍କ ପରିଦର୍ଶନ କରିଥିଲେ। ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଲୋକ ସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ସଜ୍ଜନ ଶର୍ମା, ଜିଲା ସଭାପତି ହେମନ୍ତ ପାଢ଼ୀ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବଦ୍ରି ନାରାୟଣ ଧଳ, ଡ. ପ୍ରଦୀପ ନାୟକ, ପଦ୍ମଲୋଚନ ପଣ୍ଡା, ରାକେଶ ମଲ୍ଲିକ, ମନସ୍ମିତା ଖୁଣ୍ଟିଆ, ଜିଲା ମିଡିଆ ସଂଯୋଜକ ବୈକୁଣ୍ଠ ସାହୁ, ପ୍ରକାଶ ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଉଚ୍ଛେଦ ପରିବର୍ତ୍ତେ ସ୍ଥାନାନ୍ତର ହେଲା ଚଉଁରା




ତରାଶୁଣୀଠାରେ ରାସ୍ତାରୁ ଚଉଁରା ସ୍ଥାନାନ୍ତର କରାଯାଉଛି।

**ତିହିଡ଼ି, ୧୩।୬(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ମହରମପୁର ମୌଜାରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କର ତରାଶୁଣୀ (ଘଡ଼େଇସାହି)ଠାରେ ଥିବା ତୁଳସୀ ଚଉଁରା ପାଇଁ ଯାତାୟାତ ଓ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଥିଲା। ଚଉଁରାକୁ ଉଚ୍ଛେଦ ପାଇଁ ଉପଜିଲାପାଳ ମନୋଜ କୁମାର ପାତ୍ର ତିହିଡ଼ି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ପାଇଁ ଚଉଁରା ଉଚ୍ଛେଦ ହୋଇପାରି ନ ଥିଲା। ଅପରପକ୍ଷେ ଚଉଁରା ଉଚ୍ଛେଦ ଦାବିରେ ସାନ୍ତରାପୁର-ବରୁଣେଇ ବିକାଶ ମଞ୍ଚ ପକ୍ଷରୁ ଗତ ୯ ତାରିଖରେ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଥିଲା। ତହସିଲଦାର ୧୩ ତାରିଖରେ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚଉଁରା ସହ ଲୋକଙ୍କ ଆଧ୍ୟାତ୍ମିକ ଭାବାବେଗ ଯୋଡ଼ି ହୋଇଥିବାରୁ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ମଙ୍ଗଳବାର ପୂର୍ବାହ୍ନରେ ଚଉଁରାକୁ ଉଚ୍ଛେଦ ପରିବର୍ତ୍ତେ ସ୍ଥାନାନ୍ତର କରିଛି। ଜେସିବି ଦ୍ୱାରା ପିଣ୍ଡି ଭଙ୍ଗାଯାଇ ଚଉଁରାକୁ ସୁରକ୍ଷିତ ଅବସ୍ଥାରେ ସ୍ଥାନାନ୍ତର କରାଯାଇଛି। ତେବେ ଉଚ୍ଛେଦ ପୂର୍ବରୁ ସ୍ଥାନୀୟ ଲୋକେ ଚଉଁରା ନିକଟରେ ପୂଜାପାଠ କରିଥିଲେ। ଏପରିକି ସ୍ଥାନାନ୍ତର ସମୟରେ ଲୋକଙ୍କର କାନ୍ଦବୋବାଳି ଦେଖିବାକୁ ମିଳିଥିଲା। ତହସିଲଦାର ପ୍ରତୀକ ସାହୁ, ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତି, ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ, ଆଇଆଇସି ମହମ୍ମଦ ହାଫିଜ, ଏସ୍‌ଆଇ ଅରୁନ୍ଧତୀ ବେହେରା ପ୍ରମୁଖ ସ୍ଥାନାନ୍ତର ସମୟରେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଚଢ଼ିଗଲା ଟ୍ରେନ୍, ଯୁବକଙ୍କ ପ୍ରାଣଗଲା

**ରେଳଧାରଣାରେ ବନ୍ଦ ହୋଇଗଲା ବାଇକ୍ ଷ୍ଟାର୍ଟ**

**ରୂପସା/ବୈଶିଙ୍ଗା, ୧୩।୬ (ବାଞ୍ଛାନିଧି ଦେ/ରତନ ଦାସ)**

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପସା-ବାରିପଦା ରେଳ ଲାଇନର ବୈଶିଙ୍ଗା ଥାନା ଭଗବାନପୁର ଫାଟକ ନିକଟରେ ମଙ୍ଗଳବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଭଗବାନପୁର ଗ୍ରାମର ଲକ୍ଷ୍ମୀଧର ଦେହୁରୀ (୩୨)। ସେ ବାଇକ ଯୋଗେ ରେଳଧାରଣା ଅତିକ୍ରମ କରି ରୂପସା ବଜାରକୁ ଯାଉଥିଲେ। ଦୁର୍ଭାଗ୍ୟବଶତଃ ରେଳଧାରଣା ମଝିରେ ବାଇକ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଫଳରେ ବାରିପଦା-ରୂପସା ପାସେଞ୍ଜର ଟ୍ରେନ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ ଆରୋହୀ ଲକ୍ଷ୍ମୀଧରଙ୍କ ମୃତ୍ୟୁ ଘଟିଥିଲା। ବାଲେଶ୍ୱର ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୪୯/୨୩) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ହୋଇଛି।

# ରାଜ୍ୟପାଳଙ୍କ ଦ୍ୱାରା 'ଜିଜ୍ଞାସା ସୁଧାସଞ୍ଜୀବନୀ' ଉନ୍ମୋଚିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ 'ଜିଜ୍ଞାସା ସୁଧାସଞ୍ଜୀବନୀ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭଦ୍ରକ ଅଫିସ, ୧୩।୬ (ସନାତନ ରାଉତ)**

ଭଦ୍ରକ ଜିଲା ସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ଡ. ଜୟନ୍ତୀ କରଶର୍ମାଙ୍କ ରଚିତ 'ଜିଜ୍ଞାସା ସୁଧାସଞ୍ଜୀବନୀ' ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକ ଉନ୍ମୋଚନ କରିବା ସହ ଡକ୍ଟରେଟ୍ ଲାଭ କରିଥିବାରୁ ଡ. କରଶର୍ମାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭଦ୍ରକ ଓଲଙ୍ଗ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା, ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ସୂର୍ଯ୍ୟପ୍ରସାଦ ପଣ୍ଡା, ଚନ୍ଦ୍ରପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କର୍କଟରୋଗୀଙ୍କୁ ଘରେ ଭତ୍ତା ଦେଲେ ବିଡିଓ



ବିଡିଓ ଉତ୍ତମ ଜେନା ଭତ୍ତା ପ୍ରଦାନ କରୁଛନ୍ତି।

**ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଭୋଗୁପୁର ଗ୍ରାମର ରତ୍ନମଣି ଦାସ(୬୫)ଙ୍କ ସ୍ୱାମୀ ଗୋବିନ୍ଦ ୫ବର୍ଷ ତଳେ ଆଖିବୁଜିଥିଲେ। ଏଭଳି ଦୁଃଖ ଭୁଲିବା ପୂର୍ବରୁ ମାରାତ୍ମକ କର୍କଟ ରୋଗ ଦାଉ ସାଧିଲା। ଏଭଳି ଅତ୍ୟନ୍ତ ଅସହାୟ ଅବସ୍ଥାରେ ସେ ଭତ୍ତା ପାଇଁ ଆବେଦନ କରିଥିଲେ। ସେହି ଗ୍ରାମର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଶଯ୍ୟାଶାୟୀ ରତ୍ନମଣି ପାଇଁ ଭତ୍ତାଟିଏ ମଞ୍ଜୁର କରିବାକୁ ନିବେଦନ କରିଚାଲିଥିଲେ ହେଁ ଏହା ସମ୍ଭବ ହୋଇ ପାରୁ ନ ଥିଲା। ଶେଷରେ ନିକଟରେ ନୂଆ ବିଡିଓ ଉତ୍ତମ ଜେନା କାର୍ଯ୍ୟରେ ଯୋଗଦାନ କରିବା ପରେ ରତ୍ନମଣିଙ୍କର ଦୀର୍ଘଦିନର ଆଶାକୁ ଫଳବତୀ କରାଇଛନ୍ତି। ସୋମବାର ନିଜେ ବିଡିଓ ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଳ ବାରିକଙ୍କୁ ସାଙ୍ଗରେ ଧରି ରତ୍ନମଣିଙ୍କ ଘରକୁ ଯାଇ ପ୍ରଥମ ମାସର ଭତ୍ତା ପ୍ରଦାନ କରିବା ସହ ପ୍ରତ୍ୟେକ ମାସ ପଞ୍ଚାୟତ ଅଧିକାରୀମାନେ ତାଙ୍କୁ ଘରକୁ ଯାଇ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ମୁକ୍ତିକାନ୍ତ ପାଣିଗ୍ରାହୀ ସେଠାରେ ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲା ଉଷୁ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୩୧ସ୍ୱର୍ଣ୍ଣ, ୪ କାଂସ୍ୟ ପଦକ ହାସଲ**

**ବଡ଼ବିଲ, ୧୩।୬(ଦେବପ୍ରିୟ ରଣା)**

ରାଜ୍ୟସ୍ତରୀୟ ୨୯ତମ ଉଷୁ ପ୍ରତିଯୋଗିତାରେ କେନ୍ଦୁଝର ଜିଲା ପାଇଁ ବଡ଼ବିଲରୁ ୩୮ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଖେଳାଳିମାନେ ୩୧ଟି ସ୍ୱର୍ଣ୍ଣ ଓ ୪ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୃତୀ ଖେଳାଳିମାନଙ୍କୁ ମଙ୍ଗଳବାର ବଡ଼ବିଲସ୍ଥିତ ଡିଏମ୍‌ଏଫ୍ ଇଣ୍ଡୋର ଉଷୁ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଗତ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସବ୍ ଜୁନିୟର ବିଭାଗରେ ଚାମ୍ପିୟନ ଟ୍ରଫି, ଜୁନିୟର ବିଭାଗରେ ରନର୍ସ ଅପ୍ ଟ୍ରଫି, ସିନିୟର ବିଭାଗରେ ରନର୍ସ ଅପ୍ ଟ୍ରଫି, ସିନିୟର ବିଭାଗର ସର୍ବୋତ୍ତମ ଫାଇଟର ଭାବେ ରାଜେଶ ମୁଣ୍ଡା ଓ ଆଥଲେଟ ଅଫ୍ ଦ ଇଅର ଇନ୍ ଉଷୁ ସ୍ପୋର୍ଟ ଭାବେ ସ୍ୱେତାରାଣୀ ମହାନ୍ତ ପୁରସ୍କୃତ ହୋଇଛନ୍ତି। ମଙ୍ଗଳବାର ଏହି ଖେଳାଳିମାନଙ୍କୁ ବଡ଼ବିଲ ଥାନା ଆଇଆଇସି ପ୍ରମୋଦିନୀ ସାହୁ ଏବଂ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଇଣ୍ଡୋର ଷ୍ଟାଡିୟମ ପରିସରରେ ଖେଳାଳିମାନଙ୍କ ପାଇଁ ଓପନ ଜିମ୍ ସ୍ଥାପନ ହେବ ବୋଲି ପୌରାଧ୍ୟକ୍ଷ ଘୋଷଣା କରିଥିଲେ।




ପଦକ ବିଜେତା ଖେଳାଳିଙ୍କ ଗହଣରେ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ।

# ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ସଚେତନତା କର୍ମଶାଳା

**କେନ୍ଦୁଝର, ୧୩।୬(ଦୀପକ ମିଶ୍ର)**

କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝର ପକ୍ଷରୁ ଜି-୨୦ ଅଧୀନରେ ଜିଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା କେନ୍ଦ୍ରୀୟ ବିଦ୍ୟାଳୟଠାରୁ ଆରମ୍ଭ ହୋଇ ସରକାରୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ସେଠୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଜି-୨୦ ମାନବଶୃଙ୍ଖଳା, କାହାଣୀ କଥନ, ଚିତ୍ରାଙ୍କନ, କବିତା ପାଠ ଆୟୋଜନ କରାଯାଇଥିଲା। କେନ୍ଦୁଝର ପୌରପାଳିକାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସଚେତନତା କର୍ମଶାଳା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ଜିଲା ସମଗ୍ର ଶିକ୍ଷା ଅଭିଯାନର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଂଯୋଜକ ମାନସ ରଞ୍ଜନ ଦାସ ପରିଚାଳନା କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଜି-୨୦ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ସେଠୀ, ଶିକ୍ଷକ ମେଘନାଦ ସାହୁ, ଶ୍ରୀଚରଣ କୁମାର ଗୋପେ, ଅଭିଭାବକ ଏବଂ ଅନ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ସାରକୋଣା ହାଇସ୍କୁଲ ଶ୍ରେଣୀଗୃହ ଉଦ୍‌ଘାଟନ

**ଖଇରା, ୧୩।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ସରକାରୀ ହାଇସ୍କୁଲରେ ରବିବାର ବିଗ୍ରହ ପ୍ରତିଷ୍ଠା ଓ ନୂନ ଶ୍ରେଣୀ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୫-ଟିରେ ଅନ୍ତର୍ଭୁକ୍ତ ବିଦ୍ୟାଳୟର ନୂତନ ଗୃହକୁ ଲୋକାର୍ପଣ କରିଥିଲେ। ସରପଞ୍ଚ ସୁଶାନ୍ତ କୁମାର



ଅତିଥିମାନେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରୁଛନ୍ତି।

ନାୟକ, ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡ଼ା, ପ୍ରଧାନଶିକ୍ଷକ ଭାଗିରଥି ଖଟୁଆ, ଅଧ୍ୟାପକ ଅନିଲ ଦାସ, ବିଜୟ କୁମାର ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାରକୋଣା ହାଇସ୍କୁଲକୁ ପୋଷ୍ୟ ହାଇସ୍କୁଲ ଭାବେ ଗ୍ରହଣ କରିବାକୁ ବିଧାୟକ ଘୋଷଣା କରିଥିଲେ। ସକାଳେ ବିଦ୍ୟାଳୟ ପରିସରରେ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା।

# ୫୫ ପ୍ରକଳ୍ପ ପାଇଁ ୧୮ କୋଟି ୮୪ଲକ୍ଷ ଅଟକଳ ଧାର୍ଯ୍ୟ

**କୃଷି ବିଭାଗର ସମୀକ୍ଷା ବୈଠକ**

**ବାଲେଶ୍ୱର ଅଫିସ, ୧୩।୬ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ କୃଷି ବିଭାଗକୁ ନେଇ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମୋଟ ୫୫ ପ୍ରକଳ୍ପ ପାଇଁ ୧୮କୋଟି ୮୪ଲକ୍ଷ ଟଙ୍କାର ଅଟକଳ ମୂଲ୍ୟ ବ୍ୟୟବରାଦ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ସମସ୍ତ ଜିଲାପରିଷଦ ସଭ୍ୟା/ସଭ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ ଉପସ୍ଥିତ ରହି ବ୍ଲକ ଏବଂ



କୃଷି ବିଭାଗର ସମୀକ୍ଷା ବୈଠକ।

ଜୋନ୍‌ରେ ଚାଲିଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ବାଲିଆପାଳଠାରେ ଥିବା ଝୋଟକଲକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଆଲୋଚନା ହେବା ସହ ପଞ୍ଚାୟତସ୍ତରରେ ଖାଲିପଡ଼ିଥିବା କୃଷକ ସାଥୀ ପଦବୀର ପୂରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପରିଷଦ ଅଧ୍ୟକ୍ଷ ପ୍ରଧାନ କହିଥିଲେ। ତତ୍‌ସହିତ ସମନ୍ୱିତ କୃଷି ପ୍ରଣାଳୀରେ ଧାନ, ଝୋଟ, ନଳିତା, ମାଣ୍ଡିଆ, ସୋରିଷ, ବିରି, ମୁଗ ଆଦିକୁ ଚାଷ କରି କିପରି ଭାବରେ ଚାଷୀ ଲାଭବାନ ହେବ ସେ ବିଷୟରେ ପ୍ରତି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପରିଷଦ ସଞ୍ଜୟ ସେଠୀଙ୍କ କହିବା ଅନୁଯାୟୀ ରୂପସା, ବସ୍ତା ଅଞ୍ଚଳର ଉନ୍ନତମାନର ଧାନଚାଷ ହେଉଛି କିନ୍ତୁ କୀଟନାଶକ ଔଷଧ ପାଇଁ ଚାଷୀବନ୍ଧୁମାନେ ପଶ୍ଚିମବଙ୍ଗ ଉପରେ କାହିଁକି ନିର୍ଭର କରୁଛନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ଏହା ଉପରେ ଆଲୋଚନା କରାଯାଇ କୀଟନାଶକ ଔଷଧର ଅଭାବକୁ ପୂରଣ କରାଯିବା ପାଇଁ ବିଭାଗୀୟ ଅଧିକାରୀ ସମ୍ମତି ଦେଇଥିଲେ।

